**DAV PUBLIC SCHOOLS, POKHARIPUT, BBSR**
**PA-III (2020-2021)**
**CLASS – VIII SUBJECT –HIGHER ODIA**
**TIME- 90 MINUTES SET-I Maximum Marks -40**

**ନିମ୍ନ ଅନୁଚ୍ଛେଦଟିକୁ ପାଠ କରି ପ୍ରଦତ୍ତ ପ୍ରଶ୍ନଗୁଡିକର ଉତ୍ତର ଦିଅ ।** **(୧×୫=୦୫)**

ଆଜିର ଶିଶୁ ଆଗାମୀ କାଲିର ଶାସକ । କଞ୍ଚାମାଟିରେ ସହଜରେ କୌଣସି ପ୍ରକାର ଛାଞ୍ଚ ଗଢ଼ାଯାଇପାରେ । ସେହିପରି ଛାତ୍ରର କୋମଳ ମନରେ ଯେ କୌଣସି ଧରଣର ଶିକ୍ଷାର ପ୍ରଭାବ ସହଜରେ ପଡ଼ିଥାଏ । ଛାତ୍ର ଶବ୍ଦର ଯଥାର୍ଥ ଅର୍ଥ ହୋଉଛି ଶିକ୍ଷାର୍ଥୀ । ଏହି ଶିକ୍ଷା କେବଳ ପୋଥିର ଧରାବନ୍ଧା ପାଠ୍ୟପୁସ୍ତକର ଶିକ୍ଷା ନୁହେଁ । ଏହା ହେଉଛି ପୂର୍ଣ୍ଣାଙ୍ଗ ମଣିଷ ହେବାପାଇଁ ଶିକ୍ଷା । ଏଥିପାଇଁ ଲୋଡ଼ା ସାଧାରଣ ଜ୍ଞାନ, ଉପଯୁକ୍ତ ବ୍ୟବହାର ଓ କର୍ତ୍ତବ୍ୟ ନିଷ୍ଠା । ଆଦର୍ଶ ଛାତ୍ରକୁ ପ୍ରଥମେ ସ୍ୱାସ୍ଥ୍ୟ ବିଷୟରେ ସଚେତନ ହେବାକୁ ପଡ଼ିବ । ବର୍ତ୍ତମାନ ସମାଜ ଏକ ଘଡ଼ିସନ୍ଧିମୁହୂର୍ତ୍ତ ଦେଇ ଗତିକରୁଛି । କରୋନାର ଭୟାବହତାକୁ ସମସ୍ତେ ଉପଲବ୍ଧି କରୁଛନ୍ତି । ସାମାଜିକଦୂରତା ରକ୍ଷା, ମାସ୍କ ପରିଧାନ ଉପରେ ବିଦ୍ୟାର୍ଥୀମାନେ ଗୁରୁତ୍ୱ ଦେବା ଉଚିତ । ନିୟମିତ ପରିଷ୍କାର-ପରିଚ୍ଛନ୍ନ ରହିବା , ସତର୍କ ଓ ସଚେତନ ରହି ମନଦେଇ ପାଠପଢ଼ିବା ବିଦ୍ୟାର୍ଥୀର ଲକ୍ଷଣ । କର୍ତ୍ତବ୍ୟନିଷ୍ଠା ଉତ୍ତମ ଛାତ୍ରର ମୂଳମନ୍ତ୍ର । ବ୍ୟବହାର ହେଉଛି ଛାତ୍ର ହୃଦୟର ଦର୍ପଣ । ଶିକ୍ଷକ ଓ ଗୁରୁଜନମାନଙ୍କ ପ୍ରତି ଶ୍ରଦ୍ଧା ଓ ସମ୍ମାନ, ସାନମାନଙ୍କୁ ସ୍ନେହ, ସାଙ୍ଗମାନଙ୍କୁ ବନ୍ଧୁତ୍ୱପୂର୍ଣ୍ଣ ବ୍ୟବହାର ଉତ୍ତମ ଛାତ୍ରର ପରିଚାୟକ । ବିଶୃଙ୍ଖଳିତ ଆଚରଣ ମଣିଷକୁ ଧ୍ୱଂସ କରିଦିଏ । କେବଳ ମଣିଷ ନୁହେଁ ଜୀବଜନ୍ତୁଙ୍କ ପ୍ରତି ବିଦ୍ୟାର୍ଥୀ ସସ୍ନେହ ଭାବ ପ୍ରଦର୍ଶନ କରିବା ଉଚିତ । ଛାତ୍ରମାନେ ହିଁ ଆମ ଦେଶର ଭାଗ୍ୟନିର୍ମାତା । ସଙ୍କଟମୟ ପରିସ୍ଥିତିରେ ଦେଶକୁ ରକ୍ଷା କରିବା ଦାୟିତ୍ୱ ଛାତ୍ର ସମାଜର ।

1. ଆଦର୍ଶ ଛାତ୍ରକୁ ପ୍ରଥମେ କେଉଁ ବିଷୟରେ ସଚେତନ ହେବାକୁ ପଡ଼ିବ?

(କ) ଶ୍ରମ

(ଖ) **ସ୍ୱାସ୍ଥ୍ୟ**

(ଗ) ପାଠ

(ଘ) ଖେଳ

2. କରୋନାଠାରୁ ଦୂରେଇ ରହିବା ପାଇଁ ବିଦ୍ୟାର୍ଥୀମାନେ କାହାଉପରେ ଗୁରୁତ୍ୱ ଦେବା ଉଚିତ?

(କ) ପରିବା ବାଛିବା

(ଖ) ବାହାର ଖାଦ୍ୟ ଗ୍ରହଣ

(ଗ) **ସାମାଜିକଦୂରତା**

(ଘ) ଦୂରଯାତ୍ରା

3. ଉତ୍ତମ ଛାତ୍ରର ପରିଚାୟକ କ'ଣ?

(କ) ଶିକ୍ଷକ ଓ ଗୁରୁଜନମାନଙ୍କ ପ୍ରତି ଶ୍ରଦ୍ଧା ଓ ସମ୍ମାନ

(ଖ) ସାନମାନଙ୍କୁ ସ୍ନେହ

(ଗ)ସାଙ୍ଗମାନଙ୍କୁ ବନ୍ଧୁତ୍ୱପୂର୍ଣ୍ଣ ବ୍ୟବହାର

(ଘ) **ଉପରୋକ୍ତ ସମସ୍ତ ଲକ୍ଷଣ**

4. ଉତ୍ତମ ଛାତ୍ରର ମୂଳମନ୍ତ୍ର କ'ଣ?
(କ) **କର୍ତ୍ତବ୍ୟନିଷ୍ଠା**
(ଖ) ମାନସିକ ପରିଶ୍ରମ
(ଗ) ଶାରୀରିକ ପରିଶ୍ରମ
(ଘ) ଖେଳକସରତ
5. କିଏ ଜୀବନକୁ ଧ୍ୱଂସ କରିଦିଏ?
(କ) ଶୃଙ୍ଖଳିତ ଆଚରଣ
(ଖ) ଉପଯୁକ୍ତ ଯୋଜନା
(ଗ) **ବିଶୃଙ୍ଖଳିତ ଆଚରଣ**
(ଘ) ଉପଯୁକ୍ତ ଯୋଜନା

**ରେଖାଙ୍କିତ ପଦ ଗୁଡିକ କି ପ୍ରକାର ସର୍ବନାମ ଚିହ୍ନାଅ ।**

୬)**ମୁଁ** ଏ କାମ କରିଛି ।
କ )**ବ୍ୟକ୍ତିବାଚକ ସର୍ବନାମ**
ଖ )ପ୍ରଶ୍ନ ବାଚକ ସର୍ବନାମ
ଗ )ଆପେକ୍ଷିକ ସର୍ବନାମ
ଘ )ନିର୍ଦ୍ଦେଶକ ସର୍ବନାମ
୭ )ସେ **ଯାହା** ଦେଖିଲା,**ତାହା** କହିଲା ।
କ )ପୁରୁଷ ବାଚକ ସର୍ବନାମ
ଖ )ଗୁରୁତ୍ୱ ଆରୋପକ ସର୍ବନାମ
ଗ )**ଆପେକ୍ଷିକ ସର୍ବନାମ**
ଘ )ନିର୍ଦ୍ଦେଶକ ସର୍ବନାମ
୮ )**ସେମାନେ** ଖବର କାଗଜ ପଢୁଛନ୍ତି ।
କ )**ବ୍ୟକ୍ତିବାଚକ ସର୍ବନାମ**
ଖ )ପ୍ରଶ୍ନ ବାଚକ ସର୍ବନାମ
ଗ )ଆପେକ୍ଷିକ ସର୍ବନାମ
ଘ )ନିର୍ଦ୍ଦେଶକ ସର୍ବନାମ
୯ )**କିଏ** ଆଜି ତୁମ ଘରକୁ ଆସିଛନ୍ତି ?
କ ) ନିର୍ଦ୍ଦେଶକ ସର୍ବନାମ
ଖ )ବ୍ୟକ୍ତିବାଚକ ସର୍ବନାମ
ଗ )ଆପେକ୍ଷିକ ସର୍ବନାମ
ଘ ) **ପ୍ରଶ୍ନ ବାଚକ ସର୍ବନାମ**

୧୦ )**ଯେ** କାମରେ ମନ ଲଗାଏ ,**ସେ** ନିଶ୍ଚିତ ଭଲ ଫଳ ପାଏ ।

କ ) **ନିର୍ଦ୍ଦେଶକ ସର୍ବନାମ**

ଖ )ବ୍ୟକ୍ତିବାଚକ ସର୍ବନାମ

ଗ )ଆପେକ୍ଷିକ ସର୍ବନାମ

ଘ ) ପ୍ରଶ୍ନ ବାଚକ ସର୍ବନାମ

୧୧)ଶୁଭ **ନିଜେ** ଗୀତଟିକୁ ଗାଇଲା ।

କ ) ନିର୍ଦ୍ଦେଶକ ସର୍ବନାମ

ଖ )**ଗୁରୁତ୍ୱ ଆରୋପକ  ସର୍ବନାମ**

ଗ )ଆପେକ୍ଷିକ ସର୍ବନାମ

ଘ ) ପ୍ରଶ୍ନ ବାଚକ ସର୍ବନାମ

୧୨ )ଓଡିଆ ଭାଗବତ **କିଏ** ଲେଖିଛନ୍ତି ?

କ ) ନିର୍ଦ୍ଦେଶକ ସର୍ବନାମ

ଖ )ବ୍ୟକ୍ତିବାଚକ ସର୍ବନାମ

ଗ )ଆପେକ୍ଷିକ ସର୍ବନାମ

ଘ ) **ପ୍ରଶ୍ନ ବାଚକ ସର୍ବନାମ**

**ରେଖାଙ୍କିତ ପଦ ଗୁଡିକ କି ପ୍ରକାର ବିଶେଷଣ ଚିହ୍ନାଅ ।**

୧୩)**ସରଳ** ଲୋକକୁ ସାହାଯ୍ୟ  କର ।

କ)ଅବସ୍ଥାବାଚକ ବିଶେଷଣ

ଖ)ସଂଖ୍ୟାବାଚକ ବିଶେଷଣ

ଗ)ପୂରଣ ବାଚକ ବିଶେଷଣ

ଘ)**ଗୁଣବାଚକ ବିଶେଷଣ**

୧୪)**ତତଲା** ପାଣିରେ ଘର ପୋଡେ ନାହିଁ ।

କ )**ଅବସ୍ଥାବାଚକ ବିଶେଷଣ**

ଖ )ସଂଖ୍ୟାବାଚକ ବିଶେଷଣ

ଗ )ପୂରଣ ବାଚକ ବିଶେଷଣ

ଘ )ଗୁଣବାଚକ ବିଶେଷଣ

୧୫ )ଓଡିଶାରେ **ତିରିଶଟି** ଜିଲ୍ଲା ଅଛି ।

କ )ଅବସ୍ଥାବାଚକ ବିଶେଷଣ

ଖ )**ସଂଖ୍ୟାବାଚକ ବିଶେଷଣ**

ଗ )ପୂରଣ ବାଚକ ବିଶେଷଣ

ଘ )ଗୁଣବାଚକ ବିଶେଷଣ

୧୬ )ଭାଗବତର **ଦଶମ** ସ୍କନ୍ଧ ମୋତେ ପଢିବାକୁ ଭଲ ଲାଗେ ।

କ ) ସଂଖ୍ୟାବାଚକ ବିଶେଷଣ

ଖ ) ଅବସ୍ଥାବାଚକ ବିଶେଷଣ

ଗ )**ପୂରଣ ବାଚକ ବିଶେଷଣ**

ଘ )ଗୁଣବାଚକ ବିଶେଷଣ

୧୭ )ଅତିଥିଙ୍କୁ **କପେ** ଚା'ଦିଅ ।

କ )ପୂରଣବାଚକ ବିଶେଷଣ

ଖ )ସଂଖ୍ୟାବାଚକ ବିଶେଷଣ

ଗ )**ପରିମାଣ ବାଚକ ବିଶେଷଣ**

ଘ )ଗୁଣବାଚକ ବିଶେଷଣ

୧୮)ଦଶରଥଙ୍କ **ଚତୁର୍ଥ** ପୁତ୍ରଙ୍କ ନାମ ଶତ୍ରୁଘ୍ନ ।

କ )ଅବସ୍ଥାବାଚକ ବିଶେଷଣ

ଖ )ସଂଖ୍ୟାବାଚକ ବିଶେଷଣ

ଗ )**ପୂରଣ ବାଚକ ବିଶେଷଣ**

ଘ )ଗୁଣବାଚକ ବିଶେଷଣ

୧୯ )**ଭୁକିଲା** କୁକୁର କାମୁଡେ ନାହିଁ ।

କ )**ଅବସ୍ଥାବାଚକ ବିଶେଷଣ**

ଖ )ସଂଖ୍ୟାବାଚକ ବିଶେଷଣ

ଗ )ପୂରଣ ବାଚକ ବିଶେଷଣ

ଘ )ଗୁଣବାଚକ ବିଶେଷଣ

୨୦ )ମୋ ପାଖରେ **ପାଞ୍ଚ ଶହ** ଟଙ୍କା ଅଛି ।

କ )ପରିମାଣ ବିଶେଷଣ

ଖ )**ସଂଖ୍ୟାବାଚକ ବିଶେଷଣ**

ଗ )ପୂରଣ ବାଚକ ବିଶେଷଣ

ଘ )ଅବସ୍ଥାବାଚକ ବିଶେଷଣ

୨୧ ) 'ଶିକ୍ଷା ଦୀକ୍ଷା' କବିତାଟି ବୈଷ୍ଣବ ପାଣିଙ୍କ କେଉଁ ଗୀତିନାଟ୍ୟର ଅନ୍ତର୍ଗତ ?

କ)ପ୍ରହ୍ଲାଦ ଚରିତ

ଖ)କର୍ଣ୍ଣବଧ

ଗ)ରଙ୍ଗସଭା

ଘ)**ରାମବନବାସ**

୨୨)ରାମ ବନଗମନ କଲାବେଳେ ଭରତ କେଉଁଠି ଥିଲେ ?

କ)ମାଉସୀ ଘରେ

ଖ)**ମାମୁ ଘରେ**

ଗ)ବନରେ

ଘ)ପିତୃ ଗୃହରେ

୨୩ )ରାମଙ୍କ ସହ ଭରତଙ୍କ କେଉଁ ସ୍ଥାନରେ ସାକ୍ଷାତ ହେଲା ?

କ)ପଞ୍ଚବଟୀ

ଖ)**ଚିତ୍ରକୂଟ**

ଗ)ଲଙ୍କାପୁରୀ

ଘ)କଟକ

୨୪ )ଶ୍ରୀରାମଙ୍କ ପିତାଙ୍କ ନାମ କ'ଣ ?

କ)ଜନକ

ଖ)ରାବଣ

ଗ)ସୁଗ୍ରୀବ

ଘ)**ଦଶରଥ**

୨୫)ସୀତାଙ୍କ ଠାରୁ ଆମ ଦେଶର ମହିଳାମାନେ କେଉଁ ଗୁଣ ଶିକ୍ଷା କରିବେ ?

କ)**ପତିବ୍ରତା**

ଖ)କ୍ରୋଧ

ଗ)ନମ୍ରତା

ଘ)ମୁଖରା

୨୬ )ଚିତ୍ତ ଦୃଢ କଲେ କଣ ମିଳିଥାଏ ?

କ)ଦୁଃଖ

ଖ)**ସୁଖ**

ଗ)ଭୟ

ଘ)ସାହସ

୨୭ )କାହା କରୁଣାରୁ ହନୁ ସୁବର୍ଣ୍ଣ ଗଡକୁ ଜିଣି ପାରିଥିଲେ ?

କ)ହନୁମାନ

ଖ)ଭରତ

ଗ)ସୀତା

ଘ)**ରାମଚନ୍ଦ୍ର**

୨୮)କବି କାହାର ଦାସ ହେବା ପାଇଁ ଅଭିଳାଷ ପୋଷଣ କରିଛନ୍ତି ?

କ)ଦଶରଥ

ଖ)ଜନକ

ଗ)**ରାମଚନ୍ଦ୍ର**

ଘ)ସୁଗ୍ରୀବ

୨୯ )କବିତାରେ କବି ନିଜ ପାଇଁ କେଉଁ ବିଶେଷଣ ପଦଟି ବ୍ୟବହାର କରିଛନ୍ତି ?

କ)**ମୂଢ଼**

ଖ)ପଣ୍ଡିତ

ଗ)ବୀର

ଘ)ଅଜ୍ଞାନ

୩୦) ଓଡିଆ ସାହିତ୍ୟରେ ବୈଷ୍ଣବ ପାଣି କେଉଁ ନାମରେ ପରିଚିତ ?

କ)ପଲ୍ଲୀକବି

ଖ)ଗୀତିକବି

ଗ)ସ୍ୱଭାବକବି

ଘ)**ଗଣ କବି**

୩୧)ଆଲବର୍ଟ ସ୍ୱାଇଜର କେଉଁଥି ପାଇଁ ନୋବେଲ ପୁରସ୍କାର ପାଇଥିଲେ ?

କ)ସମାଜସେବା

ଖ)ସାହିତ୍ୟ ଓ ସଂସ୍କୃତି

ଗ)**ଶାନ୍ତି ଓ ବନ୍ଧୁତା**

ଘ)ବିଜ୍ଞାନ

୩୨) 'ପ୍ରଗତି ଓ ମାନବ ଧର୍ମ' ପ୍ରବନ୍ଧଟି ପ୍ରାବନ୍ଧିକଙ୍କ କେଉଁ ପୁସ୍ତକରୁ  ଆସିଅଛି ?

କ)ଶାସନ ଓ ସଂସ୍କାର

ଖ)ସମାଜ ଓ ସଭ୍ୟତା

ଗ)**ସାମାଜିକ ମୂଲ୍ୟବୋଧ**

ଘ)ଅର୍ଥନୈତିକ ଯୋଜନା

୩୩)ତୃତୀୟ ପ୍ରଗତିଟି କ'ଣ?

କ)ସାମାଜିକ ପ୍ରଗତି

ଖ)ବୃତ୍ତିଗତ ପ୍ରଗତି

ଗ)ଅର୍ଥନୈତିକ ପ୍ରଗତି

ଘ)**ଆଧ୍ୟାତ୍ମିକତା**

୩୪)କନଫୁସିୟସଙ୍କର ଗ୍ରନ୍ଥ ସବୁ ଧ୍ୱଂସ କରିବାକୁ କିଏ ନିର୍ଦ୍ଦେଶ ଦେଇଥିଲେ ?

କ)**ଚାଇନା ସରକାର**

ଖ)ରୁଷ ସରକାର

ଗ)ଆମେରିକା ସରକାର

ଘ)ଜାପାନ ସରକାର

୩୫) କନଫୁସିୟସ କିଏ ?

କ)**ଦାର୍ଶନିକ**

ଖ)ସାହିତ୍ୟିକ

ଗ)ଐତିହାସିକ

ଘ)ସମାଜ ସେବୀ

୩୬)ସମାଜର ବ୍ୟାପକତା କାହା ଉପରେ ନିର୍ଭର କରେ ?

କ)**ମଣିଷ ହୃଦୟର ବ୍ୟାପକତା**

ଖ)ସମାଜ ସେବାର ବ୍ୟାପକତା

ଗ)ଚିନ୍ତନ ଶକ୍ତିର ବ୍ୟାପକତା

ଘ)ଜ୍ଞାନର ବ୍ୟାପକତା

୩୭)ବିଂଶ ଶତାବ୍ଦୀର ସବୁଠାରୁ ବଡ ଦୋଷ କ'ଣ ?

କ)ଶିକ୍ଷା କୈନ୍ଦ୍ରିକ

ଖ)**ବ୍ୟକ୍ତି କୈନ୍ଦ୍ରିକ**

ଗ)ସଭ୍ୟତା କୈନ୍ଦ୍ରିକ

ଘ)ସଂସ୍କୃତି କୈନ୍ଦ୍ରିକ

୩୮)ମଣିଷ ମନର ସଂକୀର୍ଣ୍ଣତା  ଦୂର କରିବା ପାଇଁ କଣ ଦରକାର ?

କ)ଶକ୍ତି

ଖ)**ଜ୍ଞାନ**

ଗ)କର୍ମ

ଘ)ଧନ

୩୯)ପ୍ରବିଧି ବିଜ୍ଞାନ କେଉଁ ବସ୍ତୁର ବିକାଶରେ ସାହାଯ୍ୟ କରେ ?

କ)ନୈତିକ

ଖ)ଆଧ୍ୟାତ୍ମିକ

ଗ)**ଭୌତିକ**

ଘ)ଦୈବିକ

୪୦)କେଉଁ କାରଣରୁ ଗୋଷ୍ଠୀ ଜୀବନ କଳୁଷିତ ହେଉଛି ?

କ)**ଅଶିକ୍ଷା ଓ ଦାରିଦ୍ର୍ୟ**

ଖ)ସ୍ୱାର୍ଥ

ଗ)ପାଶ୍ଚାତ୍ୟ ସଭ୍ୟତା

ଘ)ଶିକ୍ଷା